# NATIONAL NEWS BULLETIN (ODIA)

**30 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ଭାରତର ନୂତନ ଚିନ୍ତାଧାରା, ନବସୃଜନ ଏବଂ ଯୁବଶକ୍ତିର ସାମର୍ଥ୍ୟ ପ୍ରତିଫଳିତ ହୋଇଛି - କହିଲେ ପ୍ରଧାନମନ୍ତ୍ରୀ ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ କଲେ ସମ୍ବୋଧନ ।

- ସଂସଦର ଶୀତକାଳୀନ ଅଧିବେଶନ ଅବ୍ୟବହିତ ପୂର୍ବରୁ ନୂଆଦିଲ୍ଲୀଠାରେ ଚାଲିଛି ସର୍ବଦଳୀୟ ବୈଠକ ।
- ଦେଶରେ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟସୂଚୀରେ ଭୋଟରତାଲିକା ସଂଶୋଧନ କଲେ ନିର୍ବାଚନ ଆୟୋଗ ।
- ବାତ୍ୟା ଦିତ୍‌ୱାକୁ ଦୃଷ୍ଟିରେ ରଖି ଟେଲିକମ ସେବାକୁ ସୁନିଶ୍ଚିତ କରିବା ଲକ୍ଷ୍ୟନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କଲା ଟେଲିକମ ବିଭାଗ ।

ଏବଂ

- ରାଞ୍ଚି ଦିନିକିଆ ଆନ୍ତର୍ଜାତିକ ପୁରୁଷବର୍ଗ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରିତ କଲା ଦକ୍ଷିଣ ଆଫ୍ରିକା ।

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଭିନ୍ନ କ୍ଷେତ୍ରରେ ଭାରତର ନୂତନ ଚିନ୍ତାଧାରା, ନବସୃଜନ ଏବଂ ଯୁବଶକ୍ତିର ସାମର୍ଥ୍ୟ ପ୍ରତିଫଳିତ ହୋଇଛି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ହାଇଦ୍ରାବାଦରେ ବିଶ୍ୱର ସର୍ବବୃହତ୍ ଲିପ୍ ଇଞ୍ଜିନ MRO ସୁବିଧାର ଉଦ୍‌ଘାଟନ, ଭାରତୀୟ ନୌସେନାରେ INS ମାହେ ସାମିଲ ହେବା, ସ୍କାଇରୁଟ୍ ଇନ୍‌ଫିନିଟି କ୍ୟାମ୍ପସର ଉଦ୍‌ଘାଟନ ଦେଶର ବିଭିନ୍ନ କ୍ଷେତ୍ରରେ ପ୍ରଗତିକୁ ପ୍ରତିଫଳିତ କରୁଛି । କୃଷି କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରି ଭାରତ ୩୫୭ନିୟୁତ ଟନ୍ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ କରିଛି ।

**V/O (PM on Food Production)**

କ୍ରୀଡ଼ା କ୍ଷେତ୍ରରେ ଭାରତ ହାସଲ କରିଥିବା ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜନ ପାଇଁ ଭାରତ ମନୋନୀତ ହେବା ଏକ ଗୌରବର ବିଷୟ । ଏହି ସଫଳତା ଦେଶ ଏବଂ ନାଗରିକଙ୍କର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଳନ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ, ଅଯୋଧ୍ୟା ରାମ ମନ୍ଦିରେ ଧ୍ୱଜା ଆରୋହଣ ଏବଂ କୁରୁକ୍ଷେତ୍ରର ଜ୍ୟୋତିସରରେ ପଞ୍ଚଜନ୍ୟ ସ୍ମାରକୀ ଉଦ୍‌ଘାଟନ ଭଳି ବିଶେଷ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଛି ।

ଶୀତକାଳୀନ ପର୍ଯ୍ୟଟନର ସମ୍ଭାବନା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପର୍ବତ, ସଂସ୍କୃତି, ଦୁଃସାହସିକ କାର୍ଯ୍ୟ ପାଇଁ ଦେଶରେ ଅସୀମ ସମ୍ଭାବନା ରହିଛି । ଉତ୍ତରାଖଣ୍ଡରେ ଶୀତକାଳୀନ ପର୍ଯ୍ୟଯନ ବହୁଲୋକଙ୍କୁ ଆକର୍ଷିତ କରୁଛି ।

**V/O (PN Tourism)**

ପ୍ରଧାନମନ୍ତ୍ରୀ ନୌସେନା ସଂଗ୍ରହାଳୟ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଭାରତୀୟ ନୌସେନାରେ **INS** ମାହେ ଅନ୍ତର୍ଭୁକ୍ତ ହେବା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ସୁରକ୍ଷା ଇକୋ ସିଷ୍ଟମକୁ ସୁଦୃଢ଼ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମାହେ ନାମକରଣ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ କହିଛନ୍ତି ଭାରତୀୟ ନୌସେନା ଆତ୍ମନିର୍ଭରତା ଆଡକୁ ଗତି କରୁଛି ।

ଜି-୨୦ ଶିଖର ସମ୍ମିଳନୀରେ ଭୋକାଲ ଫର ଲୋକାଲ ଅଭିଯାନ ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ଏ କ୍ଷେତ୍ରରେ ବୃଦ୍ଧି ପାଉଥିବା ଆଗ୍ରହ ଦେଶବାସୀଙ୍କ ସ୍ୱଦେଶୀକୁ ଆପଣାଇବା ପ୍ରତିଫଳନ କରୁଛି ।

**V/O (PM-Local for Vocal)**

ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରାକୃତିକ କୃଷି, ଭାରତର ପ୍ରାଚୀନ ପରମ୍ପରାର ଏକ ଅଂଶବିଶେଷ । ପୃଥିବୀ ମାତାକୁ ସୁରକ୍ଷା ଦେବା ଲକ୍ଷ୍ୟ ନେଇ ପାରମ୍ପରିକ କୃଷିକୁ ପ୍ରୋତ୍ସାହନ ପ୍ରଦାନ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

କୁରୁକ୍ଷେତ୍ରର ବ୍ରହ୍ମସରୋବରରେ ଆୟୋଜିତ ଅନ୍ତର୍ଜାତୀୟ ଗୀତା ମହୋତ୍ସବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱବାସୀ ଦିବ୍ୟଶାସ୍ତ୍ର ଗୀତା ଦ୍ୱାରା ଅନୁପ୍ରାଣିତ

ହେବା ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୟୁରୋପ ଏବଂ ମଧ୍ୟ ଏସିଆ ସମେତ ବିଶ୍ୱର ଅନେକ ରାଷ୍ଟ୍ରଲୋକ ଏହି ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି । ଚଳିତମାସ ଆରମ୍ଭରେ ସାଉଦୀ ଆରବରେ ପ୍ରଥମଥର ପାଇଁ ଏକ ସାର୍ବଜନୀନ ମଞ୍ଚରେ ଗୀତା ପରିବେଷଣ କରାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଇସ୍ରୋ ଦ୍ୱାରା ଆୟୋଜିତ ଡ୍ରୋନ୍ ପ୍ରତିଯୋଗିତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯୁବପୀଢ଼ିଙ୍କ ପାଇଁ ସମର୍ପିତ ଏହି ପଦକ୍ଷେପ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଭାରତ ମହୁ ଉତ୍ପାଦନରେ ନୂତନ ରେକର୍ଡ ସ୍ଥାପନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ମହୁ ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହୋଇଛି । ଗତ କିଛିବର୍ଷ ମଧ୍ୟରେ ମହୁ ରପ୍ତାନୀ ୩ ଗୁଣରୁ ଅଧିକ ବୃଦ୍ଧି ପାଇଥିବାରୁ ପ୍ରଧାନମନ୍ତ୍ରୀ ସୂଚନା ଦେବା ସହ କହିଛନ୍ତି ମଧୁମିଶନ କାର୍ଯ୍ୟକ୍ରମ ଅଧୀନରେ ମହୁ ଚାଷୀଙ୍କର ଆର୍ଥିକ ଉନ୍ନତି ହେବା ସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

---

## ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା କାଲିଠାରୁ ଆରମ୍ଭ ହେଉଛି । ନୂଆଦିଲ୍ଲୀରେ ବର୍ତ୍ତମାନ ସର୍ବଦଳୀୟ ବୈଠକ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି । ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ, ମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ, କଂଗ୍ରେସ ନେତା ଗୌରଭ ଗୋଗୋଇ, ଡିଏମ୍‌କେ ନେତା ତ୍ରିଚି ଶିବା, ତୃଣମୂଳ କଂଗ୍ରେସ ନେତା ଡେରେକ ଓବ୍ରାଇନ, ଶିବସେନା ନେତା ନରେଶ ମାହାସ୍କେ ପ୍ରମୁଖ ବୈଠକରେ

ଯୋଗ ଦେଇଛନ୍ତି । ଆସନ୍ତା ମାସ ୧୯ ତାରିଖ ପର୍ଯ୍ୟନ୍ତ ସଂସଦ ଅଧିବେଶନ ଜାରି ରହିବ ।

## ଏସ୍‌ଆଇଆର୍

ଭାରତର ନିର୍ବାଚନ ଆୟୋଗ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍‌ଆଇଆର୍ ପାଇଁ କାର୍ଯ୍ୟସୂଚୀରେ ସଂଶୋଧନ କରିଛନ୍ତି । ସଂଶୋଧିତ ବିଜ୍ଞପ୍ତି ଅନୁଯାୟୀ ଆୟୋଗ ଗଣନା ପାଇଁ ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରିଛନ୍ତି । ଡିସେମ୍ବର ୧୬ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶିତ ହେବ ଏବଂ ଆସନ୍ତାବର୍ଷ ଫେବୃୟାରୀ ୧୪ ତାରିଖରେ ଚୂଡାନ୍ତ ଚାଲିକା ପ୍ରକାଶ ପାଇବ । ସୂଚନାଯୋଗ୍ୟ ଏବେ ଉତ୍ତରପ୍ରଦେଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଛତିଶଗଡ, ଗୋଆ, ଗୁଜୁରାଟ, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ଚାଲିଛି ।

## ଡଟ୍‌-ଦିତ୍‌ୱା

ବାତ୍ୟା ଦିତ୍‌ୱାକୁ ଦୃଷ୍ଟିରେ ରଖି ଟେଲିକମ୍ ନେଟୱର୍କ ସେବାକୁ ସୁନିଶ୍ଚିତ କରିବା ପାଇଁ ଟେଲିକମ ବିଭାଗ ବ୍ୟାପକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିଛି । ଟେଲିକମ ସଂଯୋଗ ଗୁଡ଼ିକୁ ସୁରକ୍ଷିତ ରଖିବା, ସେବା ପ୍ରଦାନକାରୀଙ୍କ ସହିତ ସମନ୍ୱୟ ରକ୍ଷାକରିବା ଏବଂ ପ୍ରଶାସନ ତଥା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ତ୍ୱରିତ ପ୍ରତିକ୍ରିୟାକୁ ସମାଧାନ କରିବା ପାଇଁ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଡଟ୍ ସମେତ ଟେଲିକମ ସେବା ପ୍ରଦାନକାରୀଙ୍କୁ ନିରବଚ୍ଛିନ୍ନ ନେଟୱର୍କ ପରିଚାଳନା ବଜାୟ ରଖିବା, ପର୍ଯ୍ୟାପ୍ତ ଇନ୍ଧନ ଭଣ୍ଡାର

ସୁନିଶ୍ଚିତ କରିବା, ଜରୁରୀକାଳୀନ ପାୱାର ବ୍ୟାକ୍‌ଅପ ପ୍ରସ୍ତୁତ ରଖିବା ଏବଂ ଦୁର୍ବଳ ଜିଲ୍ଲାରେ ଫିଲ୍ଡ ରେସପନ୍ସ ଟିମ୍ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଟିଏନ୍-ଏନ୍‌ଡିଆର୍‌ଏଫ୍

ଚେନ୍ନାଇରେ ଆଜି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା ପରେ ଗଣମାଧ୍ୟମକୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ କହିଛନ୍ତି, ତାମିଲନାଡୁର ସମସ୍ତ ଜଳଭଣ୍ଡାରରେ ୮୫ ପ୍ରତିଶତ ଜଳ ପୂର୍ଣ୍ଣ ଅଛି । ସେ କହିଛନ୍ତି ରାଜ୍ୟ ବିପର୍ଯ୍ୟୟ ବଳର ୧୬ଟି ଦଳ ଏବଂ ଏନ୍‌ଡିଆର୍‌ଏଫ୍‌ର ୧୨ଟି ଦଳ ଉପକୂଳବର୍ତ୍ତୀ ଅଞ୍ଚଳକୁ ଗସ୍ତ କରିବେ । ବାତ୍ୟାଜନିତ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଆଉ ୧୦ଟି ଦଳ ଆସିବେ । ୨୦ହଜାର ହେକ୍ଟର ଚାଷଜମି ବନ୍ୟାଦ୍ୱାରା ପ୍ରଭାବିତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ବନ୍ୟାଜଳ ନିଷ୍କାସନ ହେବା ପରେ ପ୍ରାଥମିକ କ୍ଷୟକ୍ଷତି ଆକଳନ କରାଯିବ । ବର୍ଷା ପ୍ରଭାବିତ ଅଞ୍ଚଳକୁ ପଠାଇବା ପାଇଁ ୫ଲକ୍ଷ ଲୋକଙ୍କ ପାଇଁ ମୌଳିକ ରାସନ ବାବଦରେ ୫ କିଲୋ ଲେଖାଏଁ ଚାଉଳ ପ୍ରସ୍ତୁତ ରଖାଯାଇଛି ବୋଲି ସେ କହିଛନ୍ତି । ଆସନ୍ତାକାଲି ପର୍ଯ୍ୟନ୍ତ ବର୍ଷା ହେବାର ପୁର୍ବାନୁମାନ ଥିବାରୁ ଲୋକଙ୍କୁ ଘର ବାହାରକୁ ନ ଯିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।

## ବାଂଲାଦେଶ-ଖଲିଦା ଜିଆ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖଲିଦା ଜିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ତାଙ୍କୁ ଏବେ ଢ଼ାକା ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ପରିବାର ସୂତ୍ରରୁ ସୂଚନା ମିଳିଛି । ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ବିଦେଶରେ ଚିକିତ୍ସା ପାଇଁ ତାଙ୍କ ପରିବାର ଏବଂ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି-ବିଏନ୍‌ପି ପ୍ରସ୍ତୁତି ଚଳାଇଛନ୍ତି । ବିଏନ୍‌ପିର ମହାସଚିବ ମୀର୍ଜା ଫଖରୁଲ୍ ଇସଲାମ ଆଲମଗିର୍ କହିଛନ୍ତି, ୮୦ବର୍ଷ ବୟସ୍କ ଏହି ବିରୋଧୀଦଳ ନେତା ଡାକ୍ତରଖାନାର

ମେଡ଼ିକାଲ ବୋର୍ଡର ତତ୍ତ୍ୱାବଧାନରେ ଏଭର କେୟାର ହସ୍ପିଟାଲ କରୋନାରୀ କେୟାର ୟୁନିଟ୍‌ରେ ଚିକିତ୍ସାଧୀନ ଅଛନ୍ତି । ଖଲିଦା ଜିଆ, ହୃଦ୍‌ରୋଗ, ଲିଭର ସିରୋସିସ୍ ଏବଂ କିଡନୀ ରୋଗରେ ପୀଡିତ ଅଛନ୍ତି ।

## କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ଚଳିତ ଦିନିକିଆ ପୁରୁଷବର୍ଗ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ରାଞ୍ଚିଠାରେ ଖେଳାଯାଉଛି । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି । ବ୍ୟାଟିଂ ଆରମ୍ଭ କରି ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ୪ ଓଭର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୩୧ ରନ୍ ସଂଗ୍ରହ କରିଥିଲା । ବିରାଟ କୋହଲି ଏବଂ ରୋହିତ ଶର୍ମା କ୍ରିଜ୍‌ରେ ଅପରାଜିତ ଅଛନ୍ତି । କେ.ଏଲ୍. ରାହୁଲଙ୍କ ଅଧିନାୟକତ୍ୱରେ ଭାରତ ଏହି ଦିନିକିଆ ଆନ୍ତର୍ଜାତିକ ସିରିଜ୍ ଖେଳୁଛି ।

## ବ୍ୟାଡମିଣ୍ଟନ

ସୟଦ୍ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା-୨୦୨୫ରେ ଆଜି ଭାରତ ଟାଇଟଲ୍ ହାସଲପାଇଁ ଚେଷ୍ଟା କରିବ । ଲକ୍ଷ୍ନୌର ବାବୁ ବନାରସୀ ରାଜ ଇଣ୍ଡୋର ଷ୍ଟାଡିୟମ୍‌ରେ କିଦାମ୍ବୀ ଶ୍ରୀକାନ୍ତ ଏବଂ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଚୂଡ଼ାନ୍ତ ପର୍ଯ୍ୟାୟରେ ମୁକାବିଲା କରିବେ । ଶ୍ରୀକାନ୍ତ ବିଶ୍ୱର ଅଣଷଠି ନମ୍ବର ଖେଳାଳି ହଙ୍ଗ୍‌କଙ୍ଗ୍‌ର ଜାସନ୍ ଗୁନାୱାନ୍’ଙ୍କ ସହ ପୁରୁଷ ଏକକ ଫାଇନାଲ୍‌ରେ ଅବତୀର୍ଣ୍ଣ ହେବେ । ଆଜି ଭାରତୀୟ ସମୟ ଅପରାହ୍ଣ ୩ଟା ୨୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗତ ରାତିରେ ବିଶ୍ୱର ୩୮ ନମ୍ବର ଖେଳାଳି ଶ୍ରୀକାନ୍ତ, ଭାରତୀୟ ପ୍ରତିପକ୍ଷ ମିଥୁନ ମଞ୍ଜୁନାଥଙ୍କୁ ୨-୧ ସେଟ୍‌ରେ ପରାସ୍ତ କରିଥିଲେ ।